ନଣନ୍ଦ ଭାଉଜ ବୋଲି ଓ

ଉକ୍ତି ପ୍ରତ୍ୟୁକ୍ତି ।

ଶୁଣ ଜନେ ମନ ଦେଇ । ନଣନ୍ଦକୁ ଡାକି ବୋହୂ କହଇ ଲୋ ।
ଚମ୍ପା ମୋର । ନେତ୍ରରୁ ଲୁହ ବୁହାଇ ଲୋ । ୧ ।
ଶ୍ରାବଣ ଆମ୍ଭମାନଙ୍କୁ । କାଲି ତୁହି ଯିବୁ ଶାଶୁଘରକୁ ଲୋ ।
ଚମ୍ପା ମୋର । ଅସିବୁ ପଞ୍ଚ ଦୋଳକୁ ଲୋ । ୨ ।
ମୋହର ସଙ୍ଗେ ଯିବ କିଏ । ଖାଲି ମାଣ୍ଟଫୁଲି ନାହିଁ ତ ଖିଏ ଲୋ ।
ବୋହୂ ମୋର । ମୋପାଇଁ କିଣିଣ ଦିଏ ଲୋ । ୩ ।
ନନାଙ୍କୁ କହିବୁ ତୁହି । ଖଡ଼ୁ ଡାଡ଼ କିଣି ଅଣିବେ ସେହି ଲୋ ।
ଚମ୍ପା ମୋର । ତୁମ୍ଭ ସଙ୍ଗେ ଯିବେ ଭାଇ ଲୋ । ୪ ।
ତୁଚ୍ଛା ଘରଟ ଦେଖୁଛୁ । ମନ ମାରି ଦେଇ କମ୍ପା ବସିଛୁ ଲୋ ।
ଚମ୍ପା ମୋର । ହସି କଥା ନ କହୁଛୁ ଲୋ । ୫ ।
ତୁଚ୍ଛା ଘରଟ ବୋଲୁଛୁ । ଗୃହମାସ ହେଲା ମୋତେ ଅଣିଛି ଲୋ
ବୋହୂ ମୋର । ଏ କଥା କମ୍ପା କହୁଛ ଲୋ । ୬ ।
ଖାଲି ଘରଟ ଦେଖୁଛୁ । ନ ଥିଲା ଘରେ ଜଞ୍ଜାଳ କରୁଛି ଲୋ ।
ଚମ୍ପା ମୋର । ଦେଖି ଗୃହିଁ ତ ଯାଉଛୁ ଲୋ । ୭ ।
ସିନ୍ଦୂରଫଟୁ ଅଛିଏ । କଂସାମୁଦ ମୋ ଗାଡ଼ୁକୁ ଗଣ୍ଡିଏ ଲୋ ।
ବୋହୂ ମୋର । କଣିକଟ ମୋତେ ଦ ୀ ଲୋ । ୮ ।
ଯାହା କହିଲ ନକର । ହାତରୁ ଗୋଡ଼ ପର୍ଯ୍ୟନ୍ତେ ତୁମ୍ଭର ଲୋ ।
ଚମ୍ପା ମୋର । ସବୁ ଅଛି ଅଳଙ୍କାର ଲୋ । ୯ ।
ତଉଁ ସୁଭଣ୍ଡି ଯୋଡ଼ହେ । ହଳଦୀକାଠିଆ ନେବ ଗୋଟିଏ ଲୋ ।
ବୋହୂ ମୋର । ଝିଙ୍ଗିପାନିଆ ଯୋଡ଼ିଏ ଲୋ । ୧୦ ।

Digitized by PPRACHIN, SOA

ଝାଲ୍‌କାଠି ମୋ ମୁଣ୍ଡକୁ । ବାଙ୍କ ପିନ୍ଧାଣିଆ ଥିବ ପାଖନ୍ତୁ ଲୋ ।
ବୋହୂ ମୋର । ମାନୁଥିବ ମୋ ଦେହକୁ ଲୋ । ୧୧ ।

ଝାଲ୍‌କାଠି ଭାଇଙ୍କ ଘରେ । ରଖି ଅଛନ୍ତି ସିନ୍ଦୁକ ଭିତରେ ଲୋ ।
ଚମ୍ପା ମୋର । ନେବ ତୁମ୍ଭେ ଗଲାବେଳେ ଲୋ । ୧୨ ।

ମୁଣ୍ଡଭଡ଼ା ଆଦକର । ଏହା ତୁ ମତେ ଦୁଅ କିଣିକର ଲୋ ।
ବୋହୂ ମୋର । ମୋର ପୁର୍ଣ୍ଣାଚନ୍ଦ୍ରଁଖ ଲୋ । ୧୩ ।

ମଡ଼ଘାଏଁ ଗଣ୍ଠି ସୁନା । କେତେ ଯିବୁ କେତେ ଆସିବୁ ସିନା ଲୋ ।
ଚମ୍ପା ମୋର । ମନ ତୁ ନ କର ଊଣା ଲୋ । ୧୪ ।

ଗୋଡ଼ରେ ନାହିଁ ପାହୁଡ଼ । କଣି ହର ଦଥ ସିନ୍ଦୂର ଡାଡ଼ି ଲୋ ।
ବୋହୂ ମୋର । ହୋଇଥିବ ବଡ଼ ବଡ଼ ଲୋ । ୧୫ ।

ଭାଇ ଅଛନ୍ତି ତୁମ୍ଭର । ଯାହା କହିବ ଦେବେ କିଣିକରି ଲୋ ।
ଚମ୍ପା ମୋର । ମୋ ସଙ୍ଗେ ନ କର ଅଳି ଲୋ । ୧୬ ।

ଯିବି ମୁଁ ଶାଶୁଘରକୁ । ବାପା ଯିବେ କାଲି ରଣପୁରକୁ ଲୋ ।
ବୋହୂ ମୋର । କଏ ଯିବ ଛାଡ଼ିବାକୁ ଲୋ । ୧୭

ଭାଇ ଅଛନ୍ତି ସଙ୍ଗରେ । ତୁମ୍ଭେ ଯିବ ସିନା ତାଙ୍କ ପଛରେ ଲୋ
ଚମ୍ପା ମୋର । ଚାଲି ଯିବ ଧୀରେ ଧୀରେ ଲୋ । ୧୮ ।

ଯାହାତ କହିଲ ସତ । କେମନ୍ତେ ଯିବ ଏତେ ଦୂରପଥ ଲୋ ।
ବୋହୂ ମୋର । ଦେହ ହୋଇବ ନିସତ ଲୋ । ୧୯ ।

କହିବ ତୁମ୍ଭେ ବାପାଙ୍କୁ । ଭଷା ଦେବେ ତୁମ୍ଭ ଶାଶୁଘରକୁ ଲୋ ।
ଚମ୍ପା ମୋର । ଝଡ଼ଖଣ୍ଡି ଅଣିବାକୁ ଲୋ । ୨୦ ।

କେତେ ଲଙ୍ଗିଡ଼ କରୁଛି । ବାପ ଭାଇ ବସିଛନ୍ତି ଦେଖୁଛି ଲୋ ।
ବୋହୂ ମୋର । କେତୁଡ଼ି ପାନ୍ଥଠା କରୁଛି ଲୋ । ୨୧ ।

କହୁଅଛୁ ତୁନହୋଇ । ତୋ ପରି ନଣନ୍ଦ ପାଇବ କାହିଁ ଲୋ ।
ଚମ୍ପା ମୋର । ଜଗତରେ ଦେଖୁନାହିଁ ଲୋ । ୨୨ ।

ଯାହା କହିଲ ପ୍ରମାଣ । ଦେଖି ସାଇଜରେ ଦେଇଛି ପୁଣ ଲୋ ।
ବୋହୂ ମୋର । କେତେତ ନଡ଼ିଆବଣ ଲୋ । ୨୩ ।

Digitized by PPRACHIN, SOA

ଶାଶୁଙ୍କୁ କହିବୁ ତୋର । ଦେଇ ପଠାଇବେ ନଡ଼ିଆଭାର ଲୋ ।
ଚମ୍ପା ମୋର । ଆଣିବେ ତୋର ଶ୍ୱଶୁର ଲୋ । ୨୪ ।

ତାଳଗଛ ମାଳ ମାଳ । କେତେ ପାଉଥାଇ ପାଚିଲାତାଳ ଲୋ ।
ବୋହୂ ମୋର । ଲଗାଇଛି ମୋ ଶ୍ୱଶୁର ଲୋ । ୨୫ ।

ପାଚିଲାତାଳକୁ ଭାରେ । ଦେଇ ପଠାଇବ ମଙ୍ଗଳବାରେ ଲୋ ।
ଚମ୍ପା ମୋର । ଶୁହିଁ ବସିଥିବ ଘରେ ଲୋ । ୨୬ ।

ମୁହିଁ ବଡ଼ ଜଚମାଖୀ । କପାଳରେ ମୋର ବ୍ରହ୍ମା ଲେଖିଛି ଲୋ
ବୋହୂ ମୋର । ଶାଶୁ ନ ପାରଇ ଦେଖି ଲୋ । ୨୭ ।

ଏହା ଥିଲା ମୋ କର୍ମରେ । ଦେଇଅଛ ମୋତେ ଦୂରଦେଶରେ ଲୋ
ବୋହୂ ମୋର । ଏତେ ହ୍ନନମାନ ଘଟେ ଲୋ । ୨୮ ।

ତୁମ୍ଭର କପାଳ ବୋଲି । ରଘୁ ଅତୁ ବୁଦ୍ଧି ବୁଡ଼ାଇଦେଲା ଲୋ ।
ଚମ୍ପା ମୋର । ସେହୁ ଭଲଲୋକ ଥିଲା ଲୋ । ୨୯ ।

ସବୁ କଥା ଛାଡ଼ିଦିଅ । ତୁମ୍ଭ ନଣନ୍ଦଙ୍କ ଅଛିଟି ସ୍ନେହ ଲୋ ।
ଚମ୍ପା ମୋର । ତୁମ୍ଭ ସ୍ୱାମୀ କଥା କହ ଲୋ । ୩୦ ।

ସବୁ କଥାରେ ସେ ଭଲ । ଟାଙ୍ଗରମୁଣ୍ଡରେ ନାହିଁତ ବାଳ ଲୋ ।
ବୋହୂ ମୋର । ଘସି ଯାଇଅଛି ଗାଲ ଲୋ । ୩୧ ।

ନଣନ୍ଦଠାରୁ ଶୁଣିଲା । ଠହଠହ ହୋଇ ବୋହୂ ହସିଲା ଲୋ
ଚମ୍ପା ମୋର । ଏହା ତୋ କର୍ମରେ ଥିଲା ଲୋ । ୩୨ ।

ଏକାଳେ ସବାର ଦ୍ୱାରେ । ଅସିଣ ପ୍ରବେଶ ହେଲା ସଉଡ଼ଗ ହେ ।
ସାଧୁନରେ । କମ୍ବୁବାଜେ ଉଚ୍ଚସ୍ୱରେ ହେ । ୩୩ ।

ଜାଣି ସେ ଚମ୍ପା ପିଅର । ଯଥା ବଧାନେ ଢେଜନଗଲା ପୁର ହେ ।
ସାଧୁନର । ବସାଇ ଅସନପର ହେ । ୩୪ ।

ବେନଜନଙ୍କ କୁଶଳ । ପୁଚ୍ଛିଣ ଭୋଜନ କଲେ ସକଳ ହେ ।
ସାଧୁନର । ତା ପରେ ଦେଲେ ତାମ୍ବୁଲ ହେ । ୩୫ ।

ତହୁଁ ଯିବାର ସମ୍ଭାର । ଅସି କଲା ଠିକ ସେହୁ ସଉଦର ହେ ।
ସାଧୁନର । ନ କର ଚମ୍ପା ଗୋଚର ହେ । ୩୬ ।

Digitized by PPRACHIN, SOA

ମୋହର କରମ ହୀନ । ସ୍ତ୍ରୀକୁଳେ ବ୍ରହ୍ମ ଦେଇଛନ୍ତି ଜନ୍ମ ହେ ।
ସାଧୁଜନେ । ନ ଜାଣେ ଶାସ୍ତ୍ର ପୁରାଣ ହେ । ୩୭ ।
ଶ୍ରୀରଘୁନାଥଙ୍କୁ ଧ୍ୟାଇ । ଅଷ୍ଟତ୍ରିଂଶ ପଦେ ମୋହିନୀ ବାଣୀ ହେ ।
ସାଧୁଜନେ ! ହରଷେ ଗୀତ ଲେଖିଲି ହେ । ୩୮ ।

—o※o—

ଚମ୍ପାଦେଈର କାନ୍ଦ

ଓ

ଶାଶୁଘରକୁ ବିଦାୟ ।

ଶୁଣ ଜନେ ଦେଇ ମନ । ଚମ୍ପା କରେ ମାତା ପାଶେ ରୋଦନ ଯେ ।
ମୋତେ ନ କରିବ ଭିନ୍ନ । ମୋ ମାଆ ଲୋ । ୧ ।
ଏକେତ ସ୍ନେହେ ପାଳିଥିଲ । ଦୂରପଥ ଜାଣି ମେଲିଛ ଦେଲ ଯେ ।
କି ଦୋଷେ ନିରସ କଲ । ମୋ ମାଆ ଲୋ । ୨ ।
ଜାଣୁ ଜାଣୁ ଦୁଃଖୀଘରେ । ମୋତେ ଦେଲେ ବାପା କେଉଁ ବିଚାରେ ଯେ
ଝୁରି ଦିନ ମୋ ନ ସରେ । ମୋ ମାଆ ଲୋ । ୩ ।
ଛୁଆ କାନ୍ଦଣା ନ ସହି । ମାତା ପ୍ରବୋଧନ୍ତି କୋଳେ ବସାଇ ଯେ ।
ନେତ୍ର ନୀର ପୋଛିଦେଇ । ମୋ ଚମ୍ପା ଲୋ । ୪ ।
ଆହା ମୋ ଗଳାର ହାର । ପିତା ଦେଖି ଦେଲେ ଉତ୍ତମବର ଯେ ।
ସୁଖ ଲଭିବୁ ଅପାର । ମୋ ଚମ୍ପା ଲୋ । ୫ ।
ଭାଇ ବାପାଙ୍କୁ ପଠାଇ । ଦେଉଥିବ ତୋତେ ଦେଖିବାପାଇଁ ଯେ ।
ଆସି ଯାଉଥିବୁ ତୁହି । ମୋ ଚମ୍ପା ଲୋ । ୬ ।

Digitized by PPRACHIN, SOA

ବାପାଙ୍କ କରକୁ ଧରି । ଚମ୍ପା କାନ୍ଦେ ନେଇ ବୁଝାଇ ବାଧ୍ୟ ଯେ ।
କପାଳ ମନ୍ଦ ମୋହର । ମୋ ବାପା ହେ । ୭ ।
ଦରଅରେ ମେଲି ଦେଲ । ନିଶ୍ଚିନ୍ତ ହୋଇଣ ଘରେ ରହିଲ ଯେ ।
ଦୟା ଟିକେ ନ ବହିଲ । ମୋ ବାପା ହେ । ୮ ।
ନଦେ ପଡ଼ିଥିଲେ ଶୋଇ । ଉଠାଇ କୋଳରେ ବସାଅ ନେଇ ଯେ ।
ଦୁଧଭାତ ଦିଅ ଖୋଇ । ମୋ ବାପା ହେ । ୯ ।
ଟସଗୋଲା ଲେଡୁକନା । କେ ସାଇତିଥିବ ବଜାରୁ ଆଣି ଯେ ।
ସେ ହେଲା ସ୍ୱପନ ପୁଣି । ମୋ ବାପା ହେ । ୧୦ ।
ଏତିକ ମାଗୁଣି ମୋର । ନ କରିବ ମୋତେ ମନୁ ଅନ୍ତର ଯେ ।
କହୁଅଛି ଧରି କର । ମୋ ବାପା ହେ । ୧୧ ।
ଭାଇମାନଙ୍କୁ ଝଠାଇ । ଆଣୁଥିବ ମୋତେ ସୁଦୟା ବହି ଯେ ।
ନିରସ କରିବନାହିଁ । ମୋ ବାପା ହେ । ୧୨ ।
ସେଠାରୁ ଚମ୍ପା ଯାଇଣ । ଦଦାଙ୍କ ପାଶରେ କହେ କାନ୍ଦିଣ ଯେ ।
ନ ହେବ ଯେ ପାଶୋରିଣ । ମୋ ଦଦା ହେ । ୧୩ ।
ବାପାତ କଲେ ନିରାଶ । ତୁମ୍ଭ ମନେ ଦୟା ନୋହିଲା ଲେଶ ଯେ ।
ଛାଡିଦେଲ ଯମବାସ । ମୋ ଦଦା ହେ । ୧୪ ।
ରୁଷି ବସିଥିଲେ ମୁହିଁ । କଏ ବୁଝାଇବ ଦାଣ୍ଡେ ବୁଲାଇ ଯେ ।
କେ ଅଣିଦେବ କୁଣ୍ଢାଇ । ମୋ ଦଦା ହେ । ୧୫ ।
ଦଦା ବୋଧିଣ କହିଲେ । ଖୁଡ଼ୀ ପାଶେ ଚମ୍ପା ଯାଇଁ ମିଳିଲେ ଯେ ।
କାନ୍ଦିଣ କହେ ବିକଳେ । ମୋ ଖୁଡ଼ୀ ଲୋ । ୧୬ ।
ଆଉ କି ଆଣିବ ମୋତେ । ଏହି ଯନ୍ମସ୍ଥାନ ଦେଖିବ ସତେ ଯେ ।
ମନେ ମୋ ନାହିଁ ପରତେ । ମୋ ଖୁଡ଼ୀ ଲୋ । ୧୭ ।
ନ କାନ୍ଦ ମୋ ଚମ୍ପାଦେଈ । ଭାଇ ଖୁଡ଼ୁ ତାଙ୍କୁ ଦେବ ପଠାଇ ଯେ ।
ତୋତେ ଅଣିବାର ପାଇଁ । ମୋ ଚମ୍ପା ଲୋ । ୧୮ ।
ଭାଇ ପାଶେ ଚମ୍ପା ଯାଇଁ । ଅତି ବିକଳରେ କାନ୍ଦି କହଇ ଯେ ।
ମୋତେ ମୂର୍ଚ୍ଛି ଦେବନାହିଁ । ମୋ ନନା ହେ । ୧୯ ।

Digitized by PPRACHIN, SOA

ସମସ୍ତେ ବସ୍ତ୍ର ନେଲ । ମଞ୍ଜି ନଈରେଣ ଭସାଇଦେଲ ଯେ
ତଳେ ଦୟା ନ ବହିଲ । ମୋ ନନା ହେ । ୨୦ ।
ଯାଇ କହେ ନନ୍ଦ ଦୁଃଖୀ । ଦୁଃଖ ସହିଥିଲେ ହୋଇବୁ ସୁଖୀ ଯେ ।
ତାହା ଯାହା ଥିବ ଲେଖି । ମୋ ଚମ୍ପା ଲୋ । ୨୧ ।
ଭାଉଜର ହାତ ଧରି । ଅକୁଲେ କାନ୍ଦଇ ଚମ୍ପାସୁନ୍ଦରୀ ଯେ ।
ଆଳ ସରିଲା ମୋହରି । ଭାଉଜ ହେ । ୨୨ ।
ଯୋହରି କରମ ହାନ । କେତେ କଷ୍ଟ ସହୁ ନ ସରେ ଦାନ ଯେ ।
ମୋତେ ନ କରିବ ଭିନ୍ନ । ଭାଉଜ ହେ । ୨୩ ।
ଶୁଣି ଭାଉଜ କାନ୍ଦଇ । ନ କାନ୍ଦ ଶରଦଚନ୍ଦ୍ର ମାମୁହିଁ ଯେ ।
ଲୋକଙ୍କି ଦେବା ପଠାଇ । ମୋ ଚମ୍ପା ଲୋ । ୨୪ ।
ସ୍ୱକ୍ଷେ ଘର ଦ୍ୱାରୁ କର । ସେବା କରି ଶାଶୁ ଶ୍ୱଶୁରଙ୍କର ଯେ ।
ସୁଖେ ବାନ୍ଧିବେ ସେ ଡୋର । ମୋ ଚମ୍ପା ଲୋ । ୨୫ ।
ଉହ୍ନି ସଙ୍ଗାତଙ୍କ ପାଶେ । ପ୍ରବେଶିଣ ଚମ୍ପା କହେ ହରଷେ ଯେ ।
ଆଉ କି ଦେଖିବା କେବେ । ତୁମ୍ଭଙ୍କୁ ଯେ । ୨୬ ।
ମଣି କାନ୍ଦନ୍ତି ବୁଝାଇ । ନ କାନ୍ଦ ନ କାନ୍ଦ ଗୋ ଚମ୍ପାଦେଇ ଯେ ।
ତେଣି ଅଛୁ ଏହା ଲିହି । ନ କାନ୍ଦ ଗୋ । ୨୭ ।
ହୁଳହୁଳି ସଙ୍ଖ ଦେଇ । ସବାରୀ ଭିତରେ ଦେଲେ ବସାଇ ଯେ ।
ନେତ୍ରୁ ନୀର ପୋଛିଦେଇ । ହରଷେ ଯେ । ୨୮ ।
ଚମ୍ପାଦେଈ ବିଦା ହେଲା । ଯନ୍ତ୍ରତୁକମାନ ଅନେକ ନେଲା ଯେ ।
ସୁଖେ ଶାଶୁଘର ଗଲା । ସୁଜନେ ହେ । ୨୯ ।
ଏଠାରୁ ଏ ଗୀତ ଶେଷ । ହରଷେ ମୋହିନୀ କଲା ପ୍ରକାଶ ଯେ ।
ଜମ୍ବୁନଗରେ ମୋର ବାସ ସୁଜନେ ହେ । ୩୦ ।

ସମାପ୍ତ ।

କଟକ, ଦତ୍ତପ୍ରେସରେ ଶ୍ରୀ ହରମୋହନ ଦତ୍ତଙ୍କ ଦ୍ୱାରା ମୁଦ୍ରିତ ।

Digitized by PPRACHIN, SOA